# ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ, ଓଡ଼ିଶା

## ସଫଳତା ବିବରଣୀ (୨୦୧୪-୧୫ ଠାରୁ ୨୦୧୮-୧୯)

---

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ବିଶ୍ୱବ୍ୟାଙ୍କ ଏବଂ ଓଡ଼ିଶା ସରକାର, ଉପକୂଳ ସମ୍ବଳର ଦୀର୍ଘସ୍ଥାୟୀ ପରିଚାଳନା ଓ ପ୍ରାକୃତିକ ପରିବେଶର ସଂରକ୍ଷଣ ନିମିତ୍ତ ପ୍ରତିଶୃତିବଦ୍ଧ। ଏହାର ଫଳ ସ୍ୱରୂପ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଏକ ପଥଧର୍ମୀ ପ୍ରକଳ୍ପ ଭାବେ ସେପଟେମ୍ବର ୨୦୧୦ ରୁ କାର୍ଯକାରୀ କରାଯାଉ ଅଛି। ଓଡ଼ିଶାର ୧୯୬ କି.ମି. ବ୍ୟାପି ଉପକୂଳବର୍ତ୍ତୀ ଅଞ୍ଚଳର ଦୁଇଟି ଭାଗରେ ଯଥା, ଗୋପାଳପୁର ଠାରୁ ଚିଲିକା ଏବଂ ପାରାଦ୍ୱୀପ ଠାରୁ ଧାମରା ମଧ୍ୟରେ ଏହା କାର୍ଯ୍ୟକାରୀ ହେଉଛି। ବିଶ୍ୱବ୍ୟାଙ୍କ ପ୍ରଦତ୍ତ ଆର୍ଥିକ ଅନୁଦାନରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଓଡ଼ିଶାରେ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ଓ ଏଥିପାଇଁ ୩୩୪.୮୬ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ପ୍ରାକୃତିକ ସମ୍ବଳର ସୁରକ୍ଷା, ସମୁଦ୍ର ତଟକ୍ଷୟର ପ୍ରତିରୋଧ, ଉପକୂଳ ବାସିନ୍ଦା ବିଶେଷତଃ ମତ୍ସ୍ୟଜୀବୀ ମାନଙ୍କର ଜୀବିକାର ସ୍ଥାୟୀ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ତଟବର୍ତ୍ତୀ ଅଞ୍ଚଳରେ ପ୍ରର୍ଯ୍ୟଟନର ବିକାଶ ଓ ପ୍ରାଚୀନ କିର୍ତ୍ତୀରାଜି ଗୁଡ଼ିକର ପୂନରୁଦ୍ଧାର ଇତ୍ୟାଦି ଉଦ୍ଦେଶ୍ୟ ହାସଲ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗ ତଥା ଅନ୍ୟ ସାତଟି ବିଭାଗ ଦ୍ୱାରା ପରିଚାଳିତ ଦଶଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା (ପି.ଇ.ଏ.) ମାନଙ୍କର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି।

✓ **ପେଣ୍ଥରେ ଜିଓ ଟେକ୍ସଟାଇଲ୍ ଟ୍ୟୁବ୍ ଏମ୍ବାଙ୍କମେଣ୍ଟ ସ୍ଥାପନ**

- କେନ୍ଦ୍ରାପଡ଼ା ଜିଲ୍ଲାର ପେଣ୍ଥ ନିକଟରେ ତଟବର୍ତ୍ତୀ ଶଯ୍ୟାରେ ଏକ ଜିଓ-ସିନ୍ଥେଟିକ୍ ଟ୍ୟୁବ୍ ପ୍ରୟୋଗ ଦ୍ୱାରା ସାମୁଦ୍ରିକ ଲହଡ଼ିରୁ ତଟବର୍ତ୍ତୀ ଅଞ୍ଚଳକୁ କ୍ଷୟ ଓ ବିପ୍ଳାତରୁ ରକ୍ଷା କରିବା ପାଇଁ ଏକ ସୁଦୃଢ ଘେରିବନ୍ଧ ନିର୍ମାଣ କରାଯାଇଛି।

✓ **ପୁରୀ, ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ୧୪ଟି ବତ୍ୟା ଆସ୍ରୟସ୍ଥଳୀ ନିର୍ମାଣ**

- ମୋଟ ୧୪ଟି ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇସାରିଛି। ଏହି ଆଶ୍ରୟ ସ୍ଥଳୀ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିକୁ ହସ୍ତାନ୍ତର କରାଯାଇଛି। ଏହି କମିଟିଗୁଡିକୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଇଅଛି।

- ପ୍ରକୃତିକ ବିପର୍ଯ୍ୟୟ ସମୟରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ଆବଶ୍ୟକ ହେଉଥିବା ମୌଳିକ ଉପକରଣ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ମଧ୍ୟ ଆଇ.ସି.ଜେଡ୍.ଏମ୍.ପି. ଯୋଗାଇ ଦେଉଛି।

✓ **ପାରାଦ୍ୱୀପ ଠାରେ ତଟିୟ ପରିବେଶ ପରିଚାଳନା ସଂସ୍ଥାନ ନିର୍ମାଣ**

- ପାରାଦ୍ୱୀପ ଅଞ୍ଚଳରେ ତଟୀୟ ପ୍ରଦୁଷଣ ରୋକିବା ନିମନ୍ତେ ଏକ ତଟୀୟ ପରିବେଶ ପରିଚାଳନା କେନ୍ଦ୍ର (CMCE) ପ୍ରତିଷ୍ଠା କରାଯାଇଛି। ଏହା ଏକ ପରିବେଶ ଅନୁକୂଳ ଭବନ (Green Building) ଏବଂ ଏଥିରେ ଆବଶ୍ୟକୀୟ ବୈଜ୍ଞାନିକ ଯନ୍ତ୍ରପାତି ଓ ମାନବ ସମ୍ବଳ ନିୟୋଜନ କରାଯାଇଛି।

- ଉପକୂଳ ଜଳରାଶି ତଥା ନଦୀ ଗୁଡ଼ିକର ଜଳ ପରୀକ୍ଷା ନିମିତ୍ତ ଏକ ବ୍ୟବହାରିକ ପୋତ (ସାଗର ଉତ୍କଳ) ନିୟୋଜିତ କରାଯାଇଛି ଯେଉଁଥିରେ କି ନମୁନା ପରୀକ୍ଷା ପାଇଁ ବ୍ୟବସ୍ଥା ଅଛି।

- ଭୁବନେଶ୍ୱର ଠାରେ ଏକ ପରିବେଶ ସମ୍ବନ୍ଧୀୟ ପରୀକ୍ଷାଗାର ସ୍ଥାପନ କରାଯାଇ ତଟୀୟ ଜଳର ବିଶ୍ଳେଷଣ କରାଯାଉଅଛି।

✓ **ଚିଲିକାରେ ଆର୍ଦ୍ରଭୂମି ଗବେଷଣା ଓ ତାଲିମ କେନ୍ଦ୍ର (WRTC) ର ପୁନରୁଦ୍ଧାର, ଗବେଷଣାଗାର ନିମନ୍ତେ ଉପକରଣ ଏବଂ ଉପାଦାନ ଇତ୍ୟାଦିର ଖରିଦ୍, ଜଳର ମାନ ନିରୀକ୍ଷଣ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା।**

- ଚନ୍ଦ୍ରାପୁଟ ଠାରେ ଥିବା ଆର୍ଦ୍ରଭୂମି ଗବେଷଣା ଓ ତାଲିମ କେନ୍ଦ୍ର (ଡବ୍ଲ୍ୟୁ.ଆର୍.ଟି.ସି) ର ପୁନରୁଦ୍ଧାର କାମ ଶେଷ ହୋଇ ସାରିଛି।

- ବିଭିନ୍ନ ଅନୁଷ୍ଠାନ ସହ ୫ଟି ଗବେଷଣା ଓ ଅନୁଧ୍ୟାନ କାର୍ଯ୍ୟ ଶେଷ ହୋଇଛି।

- ଚିଲିକାର ଏକ ପର୍ଯ୍ୟଟନ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଅଛି।

- ଗବେଷଣାକାରୀଙ୍କ ପାଇଁ ଏକ ନୂଆ ଛାତ୍ରାବାସ ନିର୍ମାଣ କରାଯାଇଛି।

- କାଳିଯାଇ ଦ୍ୱୀପର ଉନ୍ନତିକରଣ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି।

✓ **କତା ଶିଳ୍ପ ଦ୍ୱାରା ମତ୍ସ୍ୟଜିବୀ ମହିଳାଙ୍କୁ ବିକଳ୍ପ ଜୀବିକା ଯୋଗାଣ**

- ୪୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି) ଙ୍କର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟ ଶେଷ ହୋଇ ସାରିଛି। ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ଆଇ.ସି.ଜେଡ୍.ଏମ୍.ପି. ଆର୍ଥିକ ସହାୟତାରେ କତା ସାମଗ୍ରୀ ଉତ୍ପାଦନରେ ଏବଂ ବିକ୍ରୟ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି।

- ୩୭ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଆବର୍ତ୍ତନ ପାଣ୍ଠି ସହାୟତା ପ୍ରଦାନ କରାଯାଇଅଛି।

- ଗୋଲା, ଗଙ୍ଗାଧରପୁର ଓ ପାର୍ବତୀପୁର ଠାରେ ସାଧାରଣ ସୁବିଧା କେନ୍ଦ୍ର (C.F.C) ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି । ସୁବିଧା କେନ୍ଦ୍ରର ଯନ୍ତ୍ରପାତି ସ୍ଥାପନ କରାଯାଇଅଛି ଏବଂ ତାହାକୁ ଚଲାଇବା ପାଇଁ ଏସ୍.ଏଚ.ଜି ସଦସ୍ୟ ମାନଙ୍କୁ ତାଲିମ ପ୍ରଦାନ କରାଯାଇଅଛି ।

- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କଞ୍ଚାମାଲ ଯୋଗାଇବା ଏବଂ ଉତ୍ପାଦିତ ସାମଗ୍ରୀ ଗୁଡ଼ିକର ବଜାରିକରଣ ପାଇଁ ଏକ ଭ୍ରାମ୍ୟମାଣ ଗାଡ଼ି ପ୍ରଦାନ କରାଯାଇଅଛି ।

✓ **ଜୈବ ବିବିଧତାର ସଂରକ୍ଷଣ ଏବଂ ଇକୋଟୁରିଜମ୍**

- ଗୁପ୍ତି ଠାରେ ଗବେଷଣାକାରୀଙ୍କ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି ।

- ଚକ୍ରଧରପୁରଠାରେ ସାମୁଦ୍ରିକ କଇଁଚ ନିରୀକ୍ଷଣ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଗବେଷକ ମାନଙ୍କ ଦ୍ୱାରା ଗବେଷଣା ଜାରି ରହିଛି ।

- ଡାଙ୍ଗମାଳ ଠାରେ କୁମ୍ଭୀର ଗବେଷଣା କେନ୍ଦ୍ରର କାର୍ଯ୍ୟ ଶେଷ ହୋଇଅଛି ।

- ଚିଲିକାର ୫ଟି ସ୍ଥାନରେ ସ୍ଥାୟୀ ଶିବିର ନିର୍ମାଣ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇ ସାରିଛି ।

- ଷୋହଳଟି ପୋତ (ନୌକା) କ୍ରୟ କରାଯାଇ ଜୈବ ବିବଧତାର ସୁରକ୍ଷା ତଥା ପରିବେଶ ପର୍ଯ୍ୟଟନ ପାଇଁ ଭିତର କନିକା, ଚିଲିକା ଓ ଋଷିକୂଲ୍ୟା ମୁହାଣରେ ନିୟୋଜିତ କରାଯାଇଛି ।

- ଚିନଚିରି ଓ ଦୋବନ୍ଧିଠାରେ ସ୍ଥାୟୀ ଶିବିର କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଛି ।

- ଲୁଣା ଜଙ୍ଗଲରେ ଚାରା ରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଥିବା ୧୬୮ ହେକ୍ଟର ଜମିରେ ଚାରା ରୋପଣ କାମ ଶେଷ ହୋଇସାରିଛି । ଏଥିସହିତ ୬୦ ହେକ୍ଟର ଜମିରେ ଲୁଣା ଜଙ୍ଗଲ ଚାରା ରୋପଣ ଫାଇଲିନ୍ ପରବର୍ତ୍ତୀ କାର୍ଯ୍ୟକ୍ରମ ମାଧ୍ୟମରେ ପୁରୀ ଓ ରାଜନଗର ରେ କରାଯାଇଅଛି ।

- ହୁକିଟୋଲାର ପୁନରୁଦ୍ଧାର କାର୍ଯ୍ୟ ଇନ୍‌ଟାକ୍ ସଂସ୍ଥା ଦ୍ୱାରା କରାଯାଇଅଛି ।

- ଦୁଇଟି ଦୃତଗାମୀ ସମୁଦ୍ରିକ ପୋତ ଅଲିଭ ରିଡ୍‌ଲେ କଇଁଛ ମାନଙ୍କର ସୁରକ୍ଷା ତଥା ସାମୁଦ୍ରିକ ଜୈବ ବିବିଧତାର ସୁରକ୍ଷା ନିମିତ୍ତ ଶାସନପେଟା (ରାଜନଗର) ଠାରେ ନିୟୋଜିତ କରାଯାଇଛି ।

- ✓ **ପରିବେଶ ଓ ସାମୁଦ୍ରିକ ସଂରକ୍ଷଣ କାର୍ଯ୍ୟକ୍ରମ ଯୋଗୁଁ ମାଛ ଧରିବା ପାଇଁ ଜାରି କଟକଣା ଦ୍ୱାରା ଆର୍ଥିକ ଭାବେ ପ୍ରଭାବିତ ହୋଇଥିବା ମତ୍ସ୍ୟଜୀବୀମାନଙ୍କୁ ବିକଳ୍ପ ଜୀବନ - ଜୀବିକା ପ୍ରଦାନ**
  - ମତ୍ସ୍ୟ ବିଭାଗ ଦ୍ୱାରା ମନୋନୀତ ୬୦୦ଟି ଯାକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥୀକ ସହାୟତା ପ୍ରଦାନ କରାଯାଇ ସାରିଛି ଏବଂ ସେମାନେ ତାଙ୍କର ବିକଳ୍ପ ଜୀବିକାରେ କାର୍ଯ୍ୟ କରୁଅଛନ୍ତି।
  - ଓଡ଼ିଶା ଜୀବିକା ମିଶନ ସହ ସମନ୍ୱିତ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ୧୦ଟି ଉତ୍ପାଦକ ଦଳ ଗଠନ କରାଯାଇଛି।
- ✓ **ଚିଲିକା ହ୍ରଦର ମାଛଧରାଳୀଙ୍କ ଜୀବନଜୀବିକା ପାଇଁ ପରିବେଶ ପର୍ଯ୍ୟଟନର ବିକାଶ-**
  - ବରକୂଳ, ଗବକୁଣ୍ଡ, ମିର୍ଜାପୁର, ଗଙ୍ଗାଧରପୁର ଏବଂ ବନମାଳୀପୁରପାଟଣାରେ ପରିବେଶ ପର୍ଯ୍ୟଟନ ର ବିକାଶ ପାଇଁ ବିଭିନ୍ନ ଭିତ୍ତିଭୂମିର ବିକାଶ କାରଯାଇଅଛି ଏବଂ ଏହାର ରକ୍ଷଣ ବେକ୍ଷଣ ପାଇଁ ପରିବେଶ ପର୍ଯ୍ୟଟନ ସମିତିକୁ ହସ୍ତାନ୍ତର କରାଯାଇଅଛି।
  - ଏହି ପରିବେଶ ପର୍ଯ୍ୟଟନ ଭିତ୍ତିଭୁମି ଗୁଡ଼ିକର ସୁପରିଚାଳନା ପାଇଁ ମ୍ୟାନେଜମେଣ୍ଟ ପ୍ଲାନ ପ୍ରସ୍ତୁତ କରାଯାଇଛି।
- ✓ **ପାରାଦ୍ୱୀପ ଠାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା**
  - ପାରାଦ୍ୱୀପରେ ପାଞ୍ଚ ଟନ୍ ବିଶିଷ୍ଟ ପାଞ୍ଚଗୋଟି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣ ନିମିତ୍ତ ଉପଲବ୍ଧି ପ୍ରଣାଳୀ (procurement process) ଚାଲୁରହିଛି।
  - ମୁଖ୍ୟ ବର୍ଯ୍ୟବସ୍ତୁ ପରିଚାଳନା ପାଇଁ ଉଦ୍ଦିଷ୍ଟ କୋଡ଼ିଏ ଏକର ଜମି ଉପରେ ପାଚେରୀ ନିର୍ମାଣ କାର୍ଯ୍ୟ ଓ ପି.ପି.ଏଲ୍. ମୁଖ୍ୟ ରାସ୍ତାରୁ ଉଦ୍ଦିଷ୍ଟ ଜମିକୁ ଏକ ସବୁଦିନିଆ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।
- ✓ **ଐତିହାସିକ ସ୍ଥାନର ସଂରକ୍ଷଣ**
  - ଜଗନ୍ନାଥ ମନ୍ଦିର ପେଣ୍ଠ, ଭାବକୁଣ୍ଡଳେଶ୍ୱର ମନ୍ଦିର ମାଣିକପାଟଣା, ହରିହରଦେବ ମନ୍ଦିର ନଇରି, ହରଚଣ୍ଡୀ ମନ୍ଦିର ବାଲିହରଚଣ୍ଡୀ, ଗଞ୍ଜାମ ଦୁର୍ଗ, ବ୍ରିଟିଶ ସିମେଟ୍ରି ଗଞ୍ଜାମରେ ଓ ବଟେଶ୍ୱର ମନ୍ଦିର କଣ୍ଟିଆଗଡ଼ ନିର୍ମାଣଧିନ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଛି।
  - ପାଞ୍ଚଟି ସ୍ଥାନରେ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଛି।
  - ଚାରୋଟି ସ୍ଥାନରେ ରାସାୟନିକ ସଂରକ୍ଷଣ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଛି।

- ✓ **ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ପ୍ରସ୍ତୁତି**

  - ଏହି ପ୍ରକଳ୍ପ ଦ୍ୱାରା ଗୋପାଳପୁର ଠାରୁ ଚିଲିକା ଏବଂ ପାରାଦ୍ୱୀପ ଠାରୁ ଧାମରା ପର୍ଯ୍ୟନ୍ତ ଅଞ୍ଚଳର ସମନ୍ୱିତ ଉପକୂଳ କ୍ଷେତ୍ର ପରିଚାଳନା ଯୋଜନା (ICZM Plan) ପ୍ରସ୍ତୁତ କରାଯାଇଛି। ଏତଦବ୍ୟତୀତ ଏକ ତଟୀୟ ପରିଚାଳନା ଯୋଜନା (Shoreline Management Plan) ଆର୍.ସି.ପି.ଏସ୍. (R.C.P.S) ତଥ୍ୟ ଆଧାରରେ ସମଗ୍ର ଓଡ଼ିଶା ତଟ ପାଇଁ ପ୍ରସ୍ତୁତ କରାଯାଇଅଛି।

- ✓ **ବେସରକାରୀ ସଂସ୍ଥା ମାଧ୍ୟମରେ ଗୋଷ୍ଠୀ ସଂଚାଳିତ ଲୁଣାଜଙ୍ଗଲ ବନୀକରଣ କାର୍ଯ୍ୟ**

  - ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଲୁଣାଜଙ୍ଗଲ ବନୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓ ଗୋଷ୍ଠୀଗତ ଭାଗିଦାରୀକୁ ସକ୍ରୀୟ କରିବା ପାଇଁ ବେସରକାରୀ ସଂସ୍ଥା ମାଧ୍ୟମରେ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଏହାମଧ୍ୟମରେ ୯୪.୬୩ ହେକ୍ଟର ଲୁଣାଜଙ୍ଗଲ ବନୀକରଣ କାର୍ଯ୍ୟ ସଂମ୍ପର୍ଣ୍ଣ ହୋଇଛି।